**Suryaprabha, Bhubaneshwar, August 20, 2009**

# ସେପ୍ଟେମ୍ବର ୪ରେ ଟିସିଏସ୍ ଆଇଟି କୁଇଜ୍

॥ ପ୍ରଭାନ୍ୟୁଜ ॥

ଭୁବନେଶ୍ୱର,୧୯।୮: ଆସନ୍ତା ସେପ୍ଟେମ୍ବର ୪ ତାରିଖ ଦିନ ରାଜଧାନୀ ଭୁବନେଶ୍ୱରଠାରେ ପ୍ରମୁଖ ଆଇଟି କମ୍ପାନୀ ଟିସିଏସ୍ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍ୱସ୍ତି ପ୍ରିମିୟମ୍‌ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି କୁଇଜ୍‌ରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ଅଂଶଗ୍ରହଣ କରିପାରିବେ ବୋଲି ଟିସିଏସ୍ ଭୁବନେଶ୍ୱର କେନ୍ଦ୍ର ମୁଖ୍ୟ ମନୋଜ ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପର୍କୀୟ ଜ୍ଞାନ ବୃଦ୍ଧି କରାଇବା ପାଇଁ ୧୯୯୯ ମସିହାରେ ଏହା ଆରମ୍ଭ ହୋଇଛି। ଟିସିଏସ ଆଇ.ଟି.ୱିଜ୍ ନାମକ ଏହି କୁଇଜ୍ ପ୍ରତିଯୋଗିତା ଚଳିତବର୍ଷ ଜୁଲାଇ ମାସରେ ବାଙ୍ଗାଲୋରରେ ଆରମ୍ଭ ହୋଇଛି। ଏହା ଭୁବନେଶ୍ୱର ସମେତ, ଚେନ୍ନାଇ, ହାଇଦ୍ରାବାଦ, କୋଏମ୍ବାଟୁର, ଦିଲ୍ଲୀ, କୋଚି, ଲକ୍ଷ୍ନୌ, ମୁମ୍ବାଇ, ଅହମ୍ମଦାବାଦ ଓ ପୁନେଠାରେ ଅନୁଷ୍ଠିତ ହେବ।